# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

### ରାସ ପୂର୍ଣ୍ଣିମା ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୧୧-୦୨-୦୯ **ସମୟ** - ସଂଧ୍ୟା ୮:୦୫-୧୦:୦୦ (ET) ପାଳିଆ - ବରଦା ଭାଇ

***Phone Number – (218) 936-1100, Access Code: 62719#, Backup Number – (218) 936-1200, Access code: 52924878***

| **Time (ET)** | **ସନ୍ଧ୍ୟା ଅଧିବେଶନ (ସନ୍ଧ୍ୟା ୮:୦୫ ରୁ ୧୦:୦୦)** | **Evening session (8:05pm - 10:00pm)** |
|---|---|---|
| 8:05 – 8:15 | ପ୍ରତୀକ୍ଷା - କେବେ ଆସିବ ମୋ କୁଞ୍ଜ ସ୍ମିତା ବାଇ ମା' | Prateeksha – Kebe Aasiba Mo Smita Bai Maa |
| 8:15 – 8:23 | ପ୍ରତୀକ୍ଷା - ଥରେ ବଂଶୀ ବଜାଅ କହ୍ନାଇ ବୃନ୍ଦାବନ ଭାଇ | Prateeksha – Thare Banshi Brundaban Bhai |
| 8:23 – 8:30 | ପ୍ରତୀକ୍ଷା - ଶୁଭିଲାଣି ବଂଶୀସ୍ୱନ ଜ୍ଞାନ ଭାଇ | Prateeksha – Shubhilani Banshi Gyan Bhai |
| 8:30 – 8:45 | ଆରତି ବରଦା ଭାଇ | Aarati Barada Bhai |
| 8:45 – 8:55 | ବନ୍ଦନା - ଗୁରୁ ନାରାୟଣ କରି ନିବେଦନ ବୃନ୍ଦାବନ ଭାଇ | Bandana -Guru Narayana Brundaban Bhai |
| 8:55 – 9:05 | ସ୍ତୋତ୍ର ବନ୍ଦନା ଜ୍ଞାନ ଭାଇ | Strotra Bandana Gyan Bhai |
| 9:05 – 10:00 | ବନ୍ଦନା - ଚାହାଁରେ ବାରେ ଚାହାଁରେ ବୃନ୍ଦାବନ ଭାଇ | Bandana – Chahanre Bare Chahanre Brundaban Bhai |
| | ନିଗମ ଉପଦେଶ ବିଜୟ ଭାଇ<br>ସାଧ୍ୟ ଓ ସାଧନା - ପ୍ରକୃତ ସାଧନା (ପୃଷ୍ଠା ୧୭୩ - ୧୭୬) | Nigama Upadesha Bijoy Bhai<br>Sadhya o Sadhana – Prakruta Sadhana (pg.173-176) |
| | ସଙ୍ଗୀତ - ସେ ନାମେ କି ଯାଦୁ ଅଛି ସ୍ମିତା ବାଇ ମା' | Song – Se Naame Ki Jaadu Achhi Smita Bai Maa |
| | ତତ୍ତ୍ୱମାଳା - ଶ୍ରୀଶ୍ରୀ ରାସଯାତ୍ରା (ପୃଷ୍ଠା ୧୪୪ - ୧୫୦) ଜ୍ଞାନ ଭାଇ | TatwaMala – Shri Shri Raasajatra (Page 144 - 150) Gyan Bhai |
| | ସଙ୍ଗୀତ - ବଇଁଶୀ ତୁମର ପ୍ରଭୁ ଯାହା ଶିବାନୀ ମହାନ୍ତି ମା' | Song – Bainshi Tumara Prabhu Sibani M. Maa |
| | ଭାବ ବିନିମୟ ବରଦା ଭାଇ | Bhaaba Binimaya Barada Bhai |
| | ଆସନ୍ତା ବର୍ଷ ରାସ ପୂର୍ଣ୍ଣିମା ପୂଜା ପାଇଁ ନିମନ୍ତ୍ରଣ ବିଜୟ ଭାଇ | Invitation for the next year's Raasa Purnima puja Bijoy Bhai |
| | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୧୧-୮-୦୯) ଦେବ ଭାଇ | Invitation for the next Sangha puja (11-08-09) Deba Bhai |
| | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ବରଦା ଭାଇ | Begging for Forgiveness Barada Bhai |
| | ବିଦାୟ ପ୍ରାର୍ଥନା - ବିଦାୟ ବେଳାରେ ଆଜି ରଶ୍ମି ନାୟକ ମା' | Last Song – Bidaya Belare Aaji Rashmi Nayak Maa |
| | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 10:00–10:30 | ଭୋଗ ନିବେଦନ ଓ ପ୍ରସାଦ ସେବନ | Bhoga Nibedana o Prasada Sebana |

# କେବେ ଆସିବ ମୋ କୁଞ୍ଜ ଦୁଆରେ

କେବେ ଆସିବ ମୋ କୁଞ୍ଜ ଦୁଆରେ
ଭାଗ୍ୟେ ସତେ ମୋର ଆସିବ ସେଦିନ
ଭେଟିବି ମୁଁ ପ୍ରିୟତମରେ ।୦।

ଗାଉଥିବ ଗୀତ ମଧୁର ତାନରେ
ଦୋଳୁଥିବ ପୁଷ୍ପ ଅଳି ଗୁଞ୍ଜନରେ
ମନ୍ଦ ସମୀରଣ ମଳୟ ସୁରଭି
ଆଣି ଭେଟୁଥିବ ପୟରେ ।୧।

ଅଳତା ବଳିରେ ଚାରୁ ଚନ୍ଦ୍ରମୁଖ
ହରୁଥିବ କୋଟି ବ୍ରହ୍ମାଣ୍ଡର ଦୁଃଖ
ଟୋପି ଟୋପି ହୋଇ ଗୋରଚନାବିନ୍ଦୁ
ଶୋଭୁଥିବ ଭାଲ ପଟରେ ।୨।

ହୋଇଥିବ ଠିଆ ତ୍ରିଭଙ୍ଗ ଠାଣିରେ
ଲୋଟୁଥିବ ପୀତବାସ ଧରଣୀରେ
ରଙ୍ଗିମା ଅଧରେ ମୋହନ ମୁରଲୀ
ବାଉଥିବ କେତେ ଛନ୍ଦରେ ।୩।

ଧୋଇଦେବି ପାଦ ସୁବାସିତ ନୀରେ
ପୋଛିବି ଯତନେ ଘନ କୁନ୍ତଳରେ
ନବ ପଲ୍ଲବିତ କୁସୁମେ ସଜାଇ
ବସାଇବି ପ୍ରେମ ବେଦୀରେ ।୪।

କର୍ପୂର ଅଗୁରୁ ଲେପିବି ଶ୍ରୀଅଙ୍ଗେ
ଚରଣ ସେବିବି ସଖୀଗଣ ସଙ୍ଗେ
ପ୍ରଣୟ ଗୀତିକା ଗାଇ ସୁମଧୁରେ
ତୋଷିବି ପରାଣ ବନ୍ଧୁରେ ।୫।

ମନ ଆନନ୍ଦରେ ସର୍ବ ସଖୀ ମିଳି
ନାଚିବୁ ଉଲ୍ଲାସେ ଚଉପାଶେ ଘେରି
ମିଳନ ମାଧୁରୀ ହେରି ମନଭରି
ଭୁଲିବୁ ବିରହ ବ୍ୟଥାରେ ।୬।

# ଥରେ ବଂଶୀ ବଜାଅ କହ୍ନାଇ

ଥରେ ବଂଶୀ ବଜାଅ କହ୍ନାଇ ରେ
ଥରେ ମୁରଲୀ ଦିଅ ତୁ ବାଇ ।୦।
ତୋ ମଧୁ ମୁରଲୀସ୍ୱନ ନ ଶୁଣି ମନମୋହନ
ଆଉ ଗୋଠ ଯିବା ମନ ନାହିଁ
ଦେଖ ଧେନୁ ବତ୍ସା ଯେତେ ଅନାଇଁଛନ୍ତି ଚକିତେ
ଗୋପର ବାଳକକୁଳ ସରବେ ହେଲେଣି ଠୁଳ
ରହିଛନ୍ତି ତୋତେ ତକାଇ ରେ ।୧।
ଆଉ ତୁ ଉଛୁର କଲେ ମୁରଲୀ ନ ବଜାଇଲେ
ଖେଳିବୁ କହ କା ତୁଲେ ବୁଲିବୁ କହ କା ମେଳେ
ଏ କଥାକି କାହ୍ନୁ ଜାଣୁନାହୁଁ ରେ ? ।୨।
ହୃଦୟ-ଯମୁନା କୂଳେ ହସି ଖେଳି ଭାବ ଭୋଳେ
ରାଜା କରିବୁରେ ତୋତେ ଭେଟି ଫୁଲହାର କେତେ
ମନଭରି ଗୁଛିଛୁଁ ତୋ ପାଇଁ ରେ ।୩।
(ଥରେ) ତିନିଭଙ୍ଗିଆ ଠାଣିରେ (ପିନ୍ଧି) ପୀତବାସ କାଛେଣୀ ରେ
(ଆସ) ମନନିକୁଞ୍ଜ କାନନେ (ଘେନ) ନିବେଦନ ଶୁଭଦିନେ
ଆମେ ପାଦ ଦେବୁଁ ତୋର ଧୋଇ ରେ ।୪।

# ଶୁଭିଲାଣି ବଂଶୀସ୍ୱନ

ଶୁଭିଲାଣି ବଂଶୀସ୍ୱନ ଚାଲ ସଖୀ ଯିବା କୁଞ୍ଜକାନନ ଗୋ
ହେବ ପ୍ରିୟ ସାଥୀରେ ମିଳନ, ସଜନୀ ଗୋ ।୧।
ବଂଶୀ ଡାକେ ନାମ ଧରି ଚାଲ ସଖୀ ଯିବା ଡେରି ନ କରି ଗୋ
ସେ ତ ଭାବ ବିନୋଦିଆ ହରି, ସଜନୀ ଗୋ ।୨।
ଶିରେ ଶିଖୀ ପୁଚ୍ଛ ଖୋସି ମଧୁର ମଧୁର ହାସ ପ୍ରକାଶି ଗୋ
ସତେ କଳା ମେଘ ତଳେ ଶଶୀ, ସଜନୀ ଗୋ ।୩।
ଉଭା ତ୍ରିଭଙ୍ଗ ଠାଣୀରେ କିଙ୍କିଣିର ସ୍ୱନ ବାଜେ ମଧୁରେ ଗୋ
ଚିତ୍ତ ଦହୁଅଛି ବିରହରେ, ସଜନୀ ଗୋ ।୪।
କଟିତଟେ ପୀତବାସ ଭୂମିରେ ଲୋଟଇ ହୋଇ ସରସ ଗୋ
କୁଳବଧୂରେ ଦିଏ ପରାସ, ସଜନୀ ଗୋ ।୫।
ମସ୍ତକେ ଅଳକାବଳୀ ମେଘ ତଳେ ଅବା ଖେଳେ ବିଜୁଳି ଗୋ
କିଏ ରହିବ ଜୀବନ ଧରି, ସଜନୀ ଗୋ ।୬।
ରାଧା-ବାଧା ନ ବିଚାରି ଡାକେ ଘନ ଘନ ତା' ନାମ ଧରି ଗୋ
ସେ କି ରହିବ ଧଇର୍ଯ୍ୟ ଧରି, ସଜନୀ ଗୋ ।୭।
ଜଟିଳାର ବଧୂ ହୋଇ କୁଟିଳା ନଣନ୍ଦ ରହିଛି ଚାହିଁ ଗୋ
ସଦା ଦୃଷ୍ଟିପଥେ ଜଗି ଥାଇଁ, ସଜନୀ ଗୋ ।୮।
ଶ୍ରୀମତୀ-ଶ୍ରୀପତି ଦୁଇ ମିଳନରେ କେତେ ମଧୁ ଝରଇ ଗୋ
ଦେଖି ପଲକ ପଡଇ ନାହିଁ, ସଜନୀ ଗୋ ।୯।
ଆଜି ଏ ରାସରଜନୀ ସାର୍ଥକ ହୋଇଲା ନୟନବେନି ଗୋ
ଶ୍ୟାମ-ଶ୍ରୀମତୀ ମିଳନ ଘେନି, ସଜନୀ ଗୋ ।୧୦।
ଚାଲ ସଖୀ ସର୍ବେ ଯିବା ମିଳନ ମାଧୁରୀ ଦେଖି ଭୁଲିବା ଗୋ
ଏ ପରାଣ ପଦେ ଅରପିବା, ସଜନୀ ଗୋ ।୧୧।
ପ୍ରାର୍ଥନା ପରାଣେଶ୍ୱରେ ଗୋପୀଭାବେ ସେବା ତାଙ୍କ ପୟରେ ଗୋ
କରୁଥିବା ଆମେ ନିରନ୍ତରେ, ସଜନୀ ଗୋ ।୧୨।

# ଗୁରୁନାରାୟନ

ଗୁରୁନାରାୟନ କରି ନିବେଦନ
ଥାକେ ଯେନ ମନ ତବ ଶ୍ରୀଚରନେ
ଆମି ଅତି ଦୀନ ଭଜନ ବିହୀନ
କୃପା କର ପ୍ରଭୁ ତବ ନିଜ ଗୁନେ ।୦।

ଯେ ଭାବେ ଯେଖାନେ ଜୀବନେ ମରନେ
ମଜେ ଥାକି ଯେନ ତବ ଗୁନ ଗାନେ
(ତବ) ପ୍ରେମମୟ ମୂରତି ଯେନ ନିରବଧି
ଲେଗେ ଥାକେ ଆମାର ଏ ଦୁ'ଟି ନୟନେ ।୧।

(ଆମାର) ଦେହ ମନ ପ୍ରାନ କରି ସମର୍ପନ
ଅବିଚାରେ କରି ଆଦେଶ ପାଲନ
(ତାତେ) ଯାୟ ଯାକ ପ୍ରାନ ଓହେ ଭଗବାନ
(ଯେନ) ଭୁଲିନାଏଁ, ଭୁଲିନାଏଁ, ତୋମାର ହେନ ଧନେ ।୨।

(ସଦା) ତବ ନାମ ଜପି ତବ ରୂପ ଦେଖି
ତୋମାରି ଆନନ୍ଦେ ଆନନ୍ଦିତ ଥାକି
ତୋମାରି ସେବାୟ ଯେନ ଦିନ ଯାଏ
ଅନ୍ୟ ଆଶା ଯେନ ନାଥାକେ ଜୀବନେ ।୩।

# ବଇଁଶୀ ତୁମର ପ୍ରଭୁ ଯାହା ପାଇଁ ବାଜେ

ବଇଁଶୀ ତୁମର ପ୍ରଭୁ ଯାହା ପାଇଁ ବାଜେ
ସେ ସୁରର ଭାବ ସିନା ସେହି ଏକା ବୁଝେ ।୦।
ଗୋପୀମାନେ ଯେଉଁ ଭାବେ କରିଥିଲେ ବଶ
ମଥୁରା ନାରୀଙ୍କ ଠାରେ ଥିଲା କି ତା ଲେଶ ?
ରାଧାଭାବ ମିଳିବ କି ଚନ୍ଦ୍ରାବଳୀ କୁଞ୍ଜେ ? ।୧।
ଯଶୋଦା ମାଆଙ୍କ ଭଳି ବାତ୍ସଲ୍ୟ ମମତା
ଦେଇ ପାରିଲେ କି କହ ସେ ଦେବକୀ ମାତା
ନନ୍ଦର ଆନନ୍ଦ କେବେ ବସୁଦେବ ବୁଝେ ? ।୨।
କଦମ୍ବ ପାଦପ କି ହେ ନାହିଁ ଠାବେ ଠାବେ
କେଳି କଦମ୍ବ ସାଥୀରେ ସେ କି ଗଣା ହେବେ
ବୃନ୍ଦାବନ ଶୋଭା କାହିଁ ଆନ ବନେ ସାଜେ ? ।୩।
ଧବଳୀ ଶ୍ୟାମଳୀ ସମ ଆନ ଧେନୁ କାହିଁ ?
ତୁମ ବେଣୁ ସ୍ୱନ ଶୁଣି ଆସିବେ ଗୋଡାଇ
ଗୋପର ସର ଲବଣୀ ମନ ତୁମ ଖୋଜେ ।୪।
ଅପୂର୍ବ ତୁମର ଲୀଳା ହେ ଜଗତପତି !
ସେ ଏକା ବୁଝିବ ଯା'ରେ ଦେଇଛ ଶକତି
ଯାହା ପାଇଁକି ମୋହନ ବେଣୁ ତୁମ ବାଜେ ।୫।

# ଚାହାଁରେ ବାରେ ଚାହାଁରେ

ଚାହାଁରେ ବାରେ ଚାହାଁରେ
କୁଞ୍ଜେ କି ଶୋଭା ଆଜ !
ବିରାଜନ୍ତି ଗୁରୁ ବରଜରାଜ ।୦।
ହାରେ ଚନ୍ଦ୍ରହାସ ତନୁ ଠାଣିକି
ତନୁ ଠାଣି ନିଏ ମନ କିଣି କି !
ମଣି ମରକତ ମଣଇ ଲାଜ ।୧।
ପଦଯୁଗେ ନବ କମଳ କାନ୍ତି
ଦଶନ ଯେସନ ମୁକୁତା ପନ୍ତି
ଜିଣଇ ଅଧର ତରୁଣ ତେଜ ।୨।
ନୀଳ ଇନ୍ଦିବର ନିନ୍ଦେ ନୟନ
କେଶ କାନ୍ତି ଆହା କି ଶୋଭାବନ
ଉଇଁ ଆସଇ କି ନବ ନୀରଦ ।୩।
ଅଧରେ ମୁରଲୀ ଅଧୀରେ ବାଜେ
କଟିତଟେ ଝୀନ ବସନ ସାଜେ
ମଣ୍ଡିଛନ୍ତି ସଜ-କୁସୁମ ଶେଯ ।୪।
ଜିଣି ପାରିଜାତ ଅଳସ ଗନ୍ଧ
ଅଙ୍ଗ ସୁବାସ ବହେ ମନ୍ଦ ମନ୍ଦ
ପରଶି ଯାଏ ଗୋ ପରାଣ ଆଜ ।୫।
ଏଇ ଚିତ୍ତଚୋରା ପ୍ରୀତି ପାଇଁକି
ମନ ହୁଏ ଦେବି ଜୀବନ ବିକି
ବରଜି ସକଳ ସରମ ଲାଜ ।୬।

# ସେ ନାମେ କି ଯାଦୁ ଅଛି କହକହ ରେ ସଖୀ

ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ
ଶୁଣି ପଲକ ପାଶୋରି ବସିଲା ଆଖି
ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ ।୦।
ଅଦିନ ବରଷା ସରି ଝରିଲା ନୟନବାରୀ
ତନୁ ବଲ୍ଲରୀ ସହସା ଉଠିଲା କମ୍ପି ।୧।
ନ ଚଳିଲା ସଖୀପାଦ ଏତେବଡ ପରମାଦ
ପୁଣି ଶୁଣିବାକୁ କାନ ରହିଲା ଟାକି ।୨।
ପୁଲକ ଆଗେ ସେ ମନ କାହିଁ ହୋଇଲା ମଗନ
ଜାଣି ନ ପାରିଲି ଚେତା ନାହିଁ ଅଛିକି ।୩।
ଆଜନମ କେତେ ନାମ ଶୁଣି ନଥିଲା ଏ କାନ
ଏସନ ରୀତିକା ନାମେ ନଥିଲି ଚାଖି ।୪।
ଅପୂର୍ବ ସେ ନାମ ରସ ଯେ ଜାଣେ ସେ ହୁଏ ବଶ
ଲଭେ ମୁକତି ପରଶ ଜନମ ଦଃଖୀ ।୫।
ସଜନୀ କହୁଛି ଶୁଣ ନାମ ରୂପ କୋଟିଗୁଣ
ବିକି ହୋଇଯିବୁ ଥରେ ପଡିଲେ ଆଖି ।୬।

# ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।

ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୂନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତ୍ରୁଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।